# ବ୍ୟାଂକ ସମୂହର ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ ।

ବିଭିନ୍ନ ବ୍ୟାଂକରେ ପଡି ରହିଥିବା ସରକାରୀ ଋଣ ଦରଖାସ୍ତ ଗୁଡିକର ସମୀକ୍ଷା ନିମନ୍ତେ ଚଳିତ ମାସ ୨୭ ତାରିଖରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସଭାଗୃହ ଠାରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ୟାଂକ ଗୁଡିକରେ ମଂଜୁର ନ ହୋଇ ପଡି ରହିଥିବା ବିଭିନ୍ନ ପ୍ରକାର ସରକାରୀ ଋଣ ଦରଖାସ୍ତ ଗୁଡିକୁ ଆସନ୍ତା ମାର୍ଚ୍ଚ ୧୦ ତାରିଖ ସୁଦ୍ଧା ଅଗ୍ରାଧିକାର ଭିତ୍ତିରେ ମଂଜୁର କରିବାକୁ ଜିଲ୍ଲାପାଳ ବ୍ୟାଂକ କର୍ତ୍ତୃପକ୍ଷମାନଂକୁ ପରାମର୍ଶ ଦେଇଛନ୍ତି । ଋଣ ମଂଜୁର ନିମନ୍ତେ ସମ୍ପୃକ୍ତ ବିଭଗୀୟ ଅଧିକାରୀମାନେ ବ୍ୟାଂକ ପରିଚାଳକମାନଂକ ସହ ଉପଯୁକ୍ତ ସମନ୍ୱୟ ରଖି ଏହି କାର୍ଯ୍ୟକୁ ନିର୍ଦ୍ଧାରିତି ସମୟ ମଧ୍ୟରେ କରିବାକୁ ସେ ପରାମର୍ଶ ଦେଇଛନ୍ତି । ପ୍ରାରମ୍ଭରେ ଅଗ୍ରଣୀ ଜିଲ୍ଲା ମ୍ୟାନେଜର ଶ୍ରୀ ମହେଶ୍ୱର ଗୌଡ ସମସ୍ତଂକୁ ସ୍ୱାଗତ ଜଣାଇବା ସହ ପ୍ରଧାନ ମନ୍ତ୍ରୀ କିଷାନ ହିତାଧିକାରୀମାନଂକୁ ଯୁଦ୍ଧକାଳିନ ଭିତ୍ତିରେ କିଷାନ କ୍ରେଡିଟ୍ କାର୍ଡ ଋଣ ମଂଜୁର ନିମନ୍ତେ ବ୍ୟାଂକ କର୍ତ୍ତୃପକ୍ଷଂକୁ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟ, ନାବାର୍ଡ ଜିଲ୍ଲା ଉନ୍ନୟନ ପ୍ରବନ୍ଧକ ଶ୍ରୀ ଶରତ କୁମାର ବେହେରା, ଭାରତୀୟ ଷ୍ଟେଟ ବ୍ୟାଂକ ର ଆଂଚଳିକ ପ୍ରବନ୍ଧକ ଶ୍ରୀ ପି କେ ଜେନା, ଅନୁଗୋଳ ସଂଯୁକ୍ତ ସମବାୟ ବ୍ୟାଂକର ସମ୍ପାଦକ ଶ୍ରୀ ଭକ୍ତେଶ୍ୱର ମଲିକଂକ ସମେତ ବିଭିନ୍ନ ବ୍ୟାଂକର ପରିଚାଳକମାନେ ଯୋଗ ଦେଇଥିଲେ ।


SPECIAL DCC MEETING
DRDA CONFERENCE HALL
Date- 27.02.2020 4.PM
CONVEROR- LEAD DISTRICT MANAGER
UCO BANK
ANGUL
NABARD